### ମନ୍ଦିର ଜମିରେ ଅକ୍ଷିମୁଠି ଅନୁକୂଳ

କୋରାପୁଟ,(ସ୍ୱ.ପ୍ର.)- ଅକ୍ଷୟ ତୃତୀୟାରେ ବିଲାପୁଟ ଗ୍ରାମବାସୀଙ୍କ ଦ୍ୱାରା ନିର୍ମାଣାଧୀନ ଶବରି ନାରାୟଣ ଜଗନ୍ନାଥ ମନ୍ଦିର ଜମିରେ ଅକ୍ଷିମୁଠି ଅନୁକୂଳ ପରିଚାଳନା କମିଟି ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ କରିଥିଲେ। ଭୋର ସାଢ଼େ ୫ଟାରେ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ସକାଳ ସାଢ଼େ ୮ରେ ଗ୍ରାମ ମୁଖିଆ ନାରାୟଣ ପ୍ରଧାନ, ଜଗନ୍ନାଥ ପ୍ରଧାନୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ପକ୍ଷରୁ ପଟ୍ଟନାୟକ ଅକ୍ଷିମୁଠି ଅନୁକୂଳ କରିଥିଲେ।

## ସଂକ୍ଷେପରେ

### ଚିକିତ୍ସାଳୟରେ ଅସୁସ୍ଥ ପଦ୍ମଶ୍ରୀ କମଳାଙ୍କୁ ଭେଟିଲେ ବିଧାୟକ

ଜୟପୁର,୨୪।୪ (ନି.ପ୍ର.)- ବିରଳ ଧାନ ବିହନର ସଂଗ୍ରାହକ ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ କମଳା ପୂଜାରୀ ଅସୁସ୍ଥ ହୋଇ ଶନିବାର ବିଳମ୍ବିତ ରାତିରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏନେଇ ଜାଣିବା ପରେ ସୋମବାର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୌର ଅଧକ୍ଷ ନରେନ୍ଦ୍ର ମହନ୍ତି କମଳାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। କମଳାଙ୍କ ପାକସ୍ଥଳିଜନିତ ସମସ୍ୟା ହେତୁ ସେ ଅସୁସ୍ଥ ଥିବା କୁହାଯାଉଛି। ତାଙ୍କର ଚିକିତ୍ସା ଲାଗି ଏକ ୫ଜଣିଆ ଡାକ୍ତରୀ ଟିମ ଗଠିତ ହୋଇଛି। ଏହି ଟିମ୍ କମଳାଙ୍କ ଚିକିତ୍ସା ଜାରି ରଖିଥିବା ଚିକିତ୍ସାଳୟପକ୍ଷରୁ ସୂଚନା କୁହାଯାଇଛି।

### ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ବିଡ଼ିଓଙ୍କୁ ଦାବିପତ୍ର

ଦଶମନ୍ତପୁର,୨୪।୪ ( ଡି.ଏନ୍. ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ସମ୍ବଲପୁର ଓ ବରଗଡ଼ଠାରେ ହିନ୍ଦୁ ସମାଜ ପରିବାର ଉପରେ ଘଟିଥିବା ଆକ୍ରମଣ ଘଟଣାରେ ଜଡିତ ଅଭିଯୁକ୍ତଙ୍କୁ ଗିରଫକରିବା ଲାଗି ସୋମବାର କୁ ବିଶହିନ୍ଦୁ ପରିଷଦ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଈଶର ଗୋଲୋରତ, ନିଳକଣ୍ଠ ରାୟ, ଟଙ୍କଧର କମାର, ଅନିଲ ଦାସ, ନବୀନ ନାୟକ, କୃପାରାୟ, ଦିଲ୍ଲୀପ ବାଘ, ମୋହନ ପାତ୍ର, ଟୁନା ଖାଡଙ୍ଗା, ବାଳକୃଷ୍ଣ ଡାକୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ କୃଷକ ଦିବସ

ମାଥିଲି,୨୪।୪(ଡି.ଏନ୍.ଏ.)-ମାଥିଲି କୃଷିଫାର୍ମଠାରେ ରବିବାର ବ୍ଲକସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। କୃଷି ସୂଚନା ଓ ପରାମର୍ଶ ଅଧକ୍ଷା ରମ୍ଭା ନାୟକଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମାଥିଲି ପଞ୍ଚାୟତ ସମିତି ଉପାଧକ୍ଷା ଦେବକୀ ଦଳେଇ, ଜିଲା ପରିଷଦ ସଦସ୍ୟା ସୁସ୍ମିତା ମାଝୀ, ସଦସ୍ୟ ହିରଣ୍ୟ ମୁଦୁଲି, ସ୍ଥାନୀୟ ସରପଞ୍ଚ କାନାମ ରାଜୁ ନାୟକ, ସାବେରୀ ସେତୁ ଫାର୍ମ ପ୍ରଡ୍ୟୁସର ଅଧକ୍ଷା ସମାରି ନାୟକ, ବିଜେଡ଼ି ପ୍ରତିନିଧି ଭୀମସେନ ନାୟକ ଯୋଗ ଦେଇଥିଲେ। ବ୍ଲକ କୃଷି ଅଧିକାରୀ ନିହାର ନାୟକ କୃଷକ ଦିବସର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମାଥିଲି ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୁରଜ କୁମାର ପାଣ୍ଡେ ଉଦ୍ୟାନ କୃଷି ବିଭାଗର ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ମୁଖ୍ୟ ଅତିଥି ଅକ୍ଷିମୁଠି ଅନୁକୂଳ କରିଥିବା ବେଳେ ମାଥିଲି ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ଶ୍ରୀଧର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୨୦ଟି ପଞ୍ଚାୟତରୁ ଚାଷୀ ଏବଂ କୃଷକ ସାଥି ଉପସ୍ଥିତ ରହିଥିଲେ।

### ଉପୁଡ଼ିପଡିଲା ୧୦୦ ବର୍ଷର ଆମ୍ବଗଛ

ଦଶମନ୍ତପୁର, ୨୪।୪ ( ଡି ଏନ ଏ )- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତରେ ଥିବା ଏ.ଚଣ୍ଡାଲ ଗୁଡ଼ା ଗ୍ରାମରେ ରବିବାର ହୋଇଥିବା କାଳ ବୈଶାଖୀରେ ତାଣ୍ଡବ ରାସ୍ତା କଡରେ ଥିବା ଏକ ବିରାଟ ପୁରୁଣା ଆମ୍ବ ଗଛ ଉପୁଡ଼ି ପଡିଛି। ଏଥିଯୋଗୁ ରାସ୍ତା ଅବରୋଧ ହୋଇଥିଲା। ଫଳରେ ପଞ୍ଚାୟତର ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### କାଲିମେଲା ବ୍ଲକ ବିଧାୟକ ପ୍ରତିନିଧି ହେଲେ ରାଜକିଶୋର



କାଲିମେଲା/ ଏମ୍.ଭି.-୭୯, ୨୪।୪ (ଡି.ଏନ.ଏ.)- ମାଲକାନଗିରି ନିର୍ବାଚନୀ ମଣ୍ଡଳୀର ବିଧାୟକ ଆଦିତ୍ୟ ମାଢ଼ି କାଲିମେଲା ବ୍ଲକର ବିଧାୟକ ପ୍ରତିନିଧି ଭାବେ ଯୁବ ଭାଜପା ନେତା ରାଜକିଶୋର ମଣ୍ଡଳଙ୍କୁ ମନୋନୀତ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ମାଢ଼ି କାଲିମେଲା ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେ ବିଧାୟକଙ୍କ ଅନୁପସ୍ଥିତିରେ ପ୍ରତିନିଧି ରୂପେ ବ୍ଲକର ବିଭିନ୍ନ ବୈଠକରେ ଯୋଗଦେବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ରାଜକିଶୋର ମାଲାଭରମ ଭାଜପା ମଣ୍ଡଳର ଯୁବ ମୋର୍ଚ୍ଚା ସଭାପତି ଭାବେ କାର୍ଯ୍ୟ କରୁଥିବା ବେଳେ ଏବେ ସେ ଏହି ନୂତନ ଦାୟିତ୍ୱ ପାଇଛନ୍ତି। ତାଙ୍କୁ କାଲିମେଲା ଭାଜପା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଭ୍ୟା ପ୍ରମିଳା ଦାସ, ଗଙ୍ଗାଧର ସୋଡ଼ିଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଭବାନୀ ଶଙ୍କର ମୁଖାର୍ଜୀ ବିଧାୟକଙ୍କ କାଲିମେଲା ପ୍ରତିନିଧି ଥିଲେ।

# କାନ୍ଥ ଚିତ୍ରାଙ୍କନରେ ସୀମିତ ୫-ଟି ବିଦ୍ୟାଳୟ

ମାଲକାନଗିରି,୨୪।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ୭୦ରୁ ଊର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟ ୫-ଟିରେ ରୂପାନ୍ତର ହୋଇଛନ୍ତି। ଏଥିପାଇଁ ଆସୁଥିବା ଅନୁଦାନରେ ବିଦ୍ୟାଳୟରେ ଭିତ୍ତିଭୂମି, ପାଠାଗାର, କମ୍ପ୍ୟୁଟର,ଶିକ୍ଷା, ସ୍ମାର୍ଟ କ୍ଲାସ୍, ଚିତ୍ତବିନୋଦନ, କ୍ରୀଡ଼ା, ପାନୀୟ ଜଳ, ପରିମଳ, ସୁନ୍ଦର ବଗିଚା, ଶିଶୁ ଉଦ୍ୟାନ, ବିଦ୍ୟାଳୟ ଚତୁଃପାର୍ଶ୍ୱ ପାଚେରିରେ ବିଭିନ୍ନ ମହାପୁରୁଷଙ୍କ ସୁନ୍ଦର ପ୍ରତିଛବି ଅଙ୍କାଯିବା ବ୍ୟବସ୍ଥା ରହିଛି। ମାତ୍ର ମାଲକାନଗିରି ଜିଲାର କେତେକ ବିଦ୍ୟାଳୟରେ କେବଳ ପାଚେରିରେ ଚିତ୍ରାଙ୍କନରେ ଭିତ୍ତିଭୂମିର ଉନ୍ନତି ସୀମିତ ରହିଛି। କୋରୁକୋଣ୍ଡା ବ୍ଲକ ସଦର ମହକୁମାସ୍ଥିତ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି।



ବିଦ୍ୟାଳୟ କାନ୍ଥରେ ଅଙ୍କାଯାଇଥିବା ଚିତ୍ର।

ଏହି ବିଦ୍ୟାଳୟରେ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ନାହିଁ। ପ୍ରବଳ ଗ୍ରୀଷ୍ମତାପରେ ଛାତ୍ରୀଛାତ୍ରମାନେ ପାନୀୟ ଜଳ ମୁନ୍ଦେ ପାଇଁ ହଇରାଣ ହେଉଛନ୍ତି। ତେବେ ୫-ଟି ରୂପାନ୍ତରରେ ବିଦ୍ୟାଳୟର ବିଦ୍ୟାଳୟର ମୌଳିକ ସମସ୍ୟାକୁ ଗୁରୁତ୍ୱ ନ ଦେଇ କେବଳ ପାଚେରିରେ ରଙ୍ଗ ବେରଙ୍ଗର ଚିତ୍ର ଆଙ୍କି ଅର୍ଥ ବ୍ୟୟ କରାଯାଉଥିବା କେତେକ ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ପରିମଳ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ନିକଟରେ ୪ ଦିନ ଧରି ଏହି ବିଦ୍ୟାଳୟରେ ୧୦୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ବ୍ଲକ ସତେଜ କାର୍ଯ୍ୟକ୍ରମ ଚାଲିଥିଲା। ଏହି ଦିନଗୁଡିକରେ ବିଦ୍ୟାଳୟରେ ପାନୀୟ ଜଳ ଏବଂ ପାଇଖାନା ବ୍ୟବହାର ନେଇ ସେମାନେ ବହୁ ଅସୁବିଧାର ସମ୍ମୁଖୀନ

### ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଉନାହାନ୍ତି

ହୋଇଥିଲେ। ସଫା ହେଉ ନ ଥିବାରୁ ବିଦ୍ୟାଳୟର ପାଇଖାନାଗୁଡିକ ଅତି ଅପରିଷ୍କାର ହୋଇପଡିଥିଲା। ଯାହାକୁ ବ୍ୟବହାର କରିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ କ୍ଷେତ୍ରରେ ସମ୍ଭବ ହୋଇ ନ ଥିଲା। ତେବେ ପ୍ରଶାସନିକ ଅଧିକାରୀ ଏବଂ ଜନ ପ୍ରତିନିଧିମାନେ ବିଦ୍ୟାଳୟ ପରିଦର୍ଶନରେ ଯିବା ବେଳେ ଏହିଚିତ୍ର ଦେଖିଖୁସି ହେଉଛନ୍ତି ସତ, ମାତ୍ର ମୌଳିକ ସମସ୍ୟା ଦୂରପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ମାନସ ଜେନାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

# ୩୮ ଅଭିଯୋଗ ଶୁଣିଲେ ଜିଲାପାଳ

ଜୟପୁର,୨୪।୪(ନି.ପ୍ର.)

ଜୟପୁର ଉପଜଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଜିଲାପାଳ ଅବଦଲ ମହମ୍ମଦ ଅଖତର, ପ୍ରକଳ୍ପ ନିର୍ଦ୍ଦେଶକ ଗୌରବ ଶିବାଜୀ ଈଶାଲୱର, ଏସ୍‌ପି ଅଭିନବ ସୋନକର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ ପାଢୀ, ଉପଜିଲାପାଳ ବେଦବର ପ୍ରଧାନ, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶୁଣାଣି ପାଇଁ ୯ଟି ସାମୁହିକ ଓ ୨୯ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ଅଭିଯୋଗଗୁଡ଼ିକ ଜମି ବିବାଦ, ପାନୀୟ ଜଳ ସମସ୍ୟା, ସାସ୍ଥ୍ୟଗତ ସମସ୍ୟା, ରାସ୍ତାଘାଟ ସମସ୍ୟା, ବିଧବା ଭତ୍ତା, ଅବସରପ୍ରାପ୍ତ

### ସେବା କାଗଜକଳ ଶ୍ରମିକ, କର୍ମଚାରୀ ପରିବାର ଜଣାଇଲେ ଅଭିଯୋଗ

ଭତ୍ତା, ଜାତିଗତ ପ୍ରମାଣପତ୍ର ନ ମିଳିବା, ସରକାରୀ ସ୍କୁଲରେ ଶିକ୍ଷକ ଅଭାବ, ଜୟପୁର ସରକାରୀ ବାଳିକା ବିଦ୍ୟାଳୟର ନିମ୍ନମାନର କାମ, ସେବା କାଗଜକଳରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ନ ମିଳିବା, ମୃତ କର୍ମଚାରୀଙ୍କ ପରିବାରକୁ ସହାୟତା ମିଳି ନ ଥିବା, ରାଶନ କାର୍ଡ ନ ମିଳିବା ଆଦି ଅଭିଯୋଗ ରହିଥିଲା। ଏହି ଅବସରରେ ଭାଜପା ପକ୍ଷରୁ ଏକମ୍ୱାରେ ଖେଳ ପଡିଆ ପାଇଁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଶୁଣାଣି ବେଳେ ସମ୍ପୃକ୍ତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଗୋପୀନାଥ ସାରକା, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ଟାଉନ ଥାନା ଅଧିକାରୀ ସମ୍ପିତ ବେହେରା ଓ ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଜିଲା ଖାଉଟି ଓ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା , ଅତିରିକ୍ତ ଜିଲା ଖାଉଟି ଓ ଯୋଗାଣ ଅଧିକାରୀ ସୁନିଲ ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ. ନିଶା , ଡିପିଆରଓ ଯଶୋଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନଯୋଗ୍ୟ, ଅଭିଯୋଗ ଶୁଣାଣିକୁ ଜିଲାପାଳ ଆସିବା ପୂର୍ବରୁ ପୂର୍ବାହ୍ନ ୧୦ଟାରେ କାଗଜ କଳର ମୃତ ଶ୍ରମିକଙ୍କ ବିଧବା ସ୍ତ୍ରୀ, ସେମାନଙ୍କ ପରିବାର ସଦସ୍ୟ, ଅବସରପ୍ରାପ୍ତ ଶ୍ରମିକ, ସ୍ଥାୟୀ ଶ୍ରମିକ, ଠିକା ଶ୍ରମିକ ଓ ସିକ୍ୟୁରିଟି ଗାର୍ଡମାନେ ଆସି ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଇଥିଲେ। ଜିଲାପାଳ ୧୨ଟାରେ ଆସିଥିଲେ। ସେପର୍ଯ୍ୟନ୍ତ ଅଭିଯୋଗଗୁଡିକର ଶୁଣାଣି ଅତିରିକ୍ତ ଜିଲାପାଳ କରୁଥିଲେ।

# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ନନ୍ଦପୁର,୨୪।୪(ଡି.ଏନ୍.ଏ.)

ତାମିଲନାଡୁରେ ଏକ ପଥର ଖାଦାନରେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋରାପୁଟ ଜିଲା ନନ୍ଦପୁର ବ୍ଲକ ହିକିମପୁଟ ପଞ୍ଚାୟତ ମାରଡ଼ା ଗ୍ରାମର ନରସିଂହ କଅଁର(୨୮)। ରବିବାର ଅପରାହ୍ନରେ ନରସିଂହ ପଥର ଖାଦାନରେ କାମ କରୁଥିବା ବେଳେ ପଥର ତଳେ ଚାପି ହୋଇଯିବାରୁ ମୃତ୍ୟୁ ଘଟିଥିଲା। ନରସିଂହଙ୍କ ବାପା ସୀତାରାମ କଅଁର ଏହି ସୂଚନା ପାଇବା ପରେ ଜିଲା ଶ୍ରମ ବିଭାଗର ଅଧିକାରୀଙ୍କୁ ଜଣାଇଥିଲେ। ପରେ ଜିଲା ପ୍ରଶାସନ ତରଫରୁ ତାମିଲନାଡୁ ପ୍ରଶାସନ



ସହ ଯୋଗାଯୋଗ କରାଯାଇ ସୋମବାର ଖାଦାନରୁ ମୃତଦେହ ବାହାର କରାଯାଇଛି। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ମାରଡ଼ା ଗ୍ରାମକୁ ଅଣାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବେଙ୍ଗାଲୁରୁ ବିମାନ ବନ୍ଦରକୁ ଅଣାଯିବ। ସେଠାରୁ ରାତି ୩ଟା ୩୦ରେ ବିମାନରେ ବିଶାଖାପାଟଣା ବିମାନ ବନ୍ଦରକୁ ଆସିବ। ସେଠାରେ ଅପେକ୍ଷା କରିଥିବା ଜିଲା ପ୍ରଶାସନର ଆମ୍ବୁଲାନ୍ସ ଯୋଗେ ନରସିଂହଙ୍କ ମୃତଦେହ ନିଜ ଗ୍ରାମ ମାରଡ଼ାକୁ ଅଣାଯିବା ବ୍ୟବସ୍ଥା ହୋଇଥିବା ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ମୃତଦେହ ପହଞ୍ଚିବା ପରେ ସରକାରୀ ସହାୟତା ଓ କାର୍ଯ୍ୟକରୁ ଥିବା ଖାଦାନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି।

# ଗଛ ପଡ଼ି କାର ଭାଙ୍ଗିଲା

ଜୟପୁର,୨୪।୪(ନି.ପ୍ର.)

କାଳ ବୈଶାଖୀର ଭୟଙ୍କର ରୂପ ଜୟପୁର ହାଟପଦାଠାରେ ଦେଖିବାକୁ ମିଳିଛି । ରାତିରେ ହୋଇଥିବା ପ୍ରବଳ ପବନ ଓ ବର୍ଷାରେ ବିରାଟ ଗଛ ଉପୁଡି ଯାଇଥିଲା । ଗଛଟି ନିକଟରେ ଥିବା ଏକ କାର ଉପରେ ପଡିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅନ୍ୟ ଏକ କାର ସାମାନ୍ୟ ଭାଙ୍ଗି ଥିବା ଜଣାଯାଇଛି। ଘଟଣା ସ୍ଥଳରେ ଦମକଳ ବାହନି ପହଞ୍ଚି ଗଛ କାଟିବାକୁ ଉଦ୍ୟମ କରୁଛନ୍ତି ।



କାର ଉପରେ ପଡିଥିବା ଗଛ ।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ପଡିଆ,୨୪।୪(ଡି.ଏନ୍.ଏ.)

ପଡିଆ ବ୍ଲକ ଉଣ୍ଡରୁକୋଣ୍ଡା ପଞ୍ଚାୟତ ଏମ.ଭି. ୫୬ ଗ୍ରାମର ଜଣେ ଯୁବକଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ସମୀର ହାଉଲି (୩୫)। ସୋମବାର ମଧ୍ୟାହ୍ନରେ ସମୀର ଘରୁ ଠାରୁ କିଛି ଦୂର ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କିଛି ସମୟ ପରେ ତାଙ୍କ ସ୍ତ୍ରୀ ସଞ୍ଜିତା ମଧ୍ୟ ସେଠାକୁ ଗାଧୋଇବା ପାଇଁ ଗଲେ। ସେଠାରେ ସ୍ୱାମୀଙ୍କୁ ନ ଦେଖି ବହୁ ଖୋଜାଖୋଜି କର ଥିଲେ ମଧ ପାଇ ନ ଥିଲେ। କିଛି ସମୟ ପରେ ସଙ୍ଗେଲ ଗ୍ରାମର ଜଣେ ମହିଳା ସେହି ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିବା ସମୀରଙ୍କ ଦେହରେ ତାଙ୍କ ଗୋଡ଼ ବାଜିଥିଲା। ମହିଳା ଜଣକ ଚିତ୍କାର କରିବାରୁ ଗ୍ରାମବାସୀ ପହଞ୍ଚି ସମୀରଙ୍କୁ ଉଦ୍ଧାର କରି ଏକ ଅଟୋ ଯୋଗେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସମୀରଙ୍କ ସ୍ତ୍ରୀ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ୫ବର୍ଷୟର ଝିଅ ଓ ଦୁଇ କୁନି ପୁଅଙ୍କୁ ଅନାଥ କରି ବାପା ପରପାରିକୁ ଚାଲି ଯାଇଛନ୍ତି।

### ଜଙ୍ଗଲ ଜମିର ଗୋଷ୍ଠୀଗତ ଅଧିକାର, ପରିଚାଳନା ନେଇ କର୍ମଶାଳା

ଚିତ୍ରକୋଣ୍ଡା,୨୪।୪(ଡି.ନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ଭୁବନେଶ୍ୱରର ଏଫଇଏସ ଅନୁଷ୍ଠାନ ଏବଂ ଚିତ୍ରକୋଣ୍ଡାର ପୋରୋବର୍ଦ୍ଧନ ଅନୁଷ୍ଠାନ ସହାୟତାରେ ବ୍ଲକସ୍ତରୀୟ ଜଙ୍ଗଲ ଜମିର ଗୋଷ୍ଠୀଗତ ଅଧିକାର, ସୁରକ୍ଷା ଓ ପରିଚାଳନା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ବଡପଡା, ପଡପଦର ଓ ପାପରମେଟେଲା ପଞ୍ଚାୟତର ବନ ବିଭାଗ କର୍ମଚାରୀ, ବନପାଳ, ଗାର୍ଡ,ଆରଆଇ, ବନ ଅଧିକାର କମିଟି ସଦସ୍ୟ, ମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଡବ୍ଲ୍ୟୁଓ ପ୍ରଶାନ୍ତ ବାଉରୀ, ତାଲିମଦାତା ବିଜୟ ତପ, ପୋରୋବର୍ଦ୍ଧନର ସମ୍ପାଦକ ସନ୍ତୋଷ ଶୁକ୍ଳା ପରିଚାଳନା କରିଥିଲେ। ପ୍ରକଳ୍ପ କର୍ମୀ ଲକ୍ଷ୍ମୀ ନାୟକ ଓ ମିନା ମାଡ଼କାମି ସହଯୋଗ କରିଥିଲେ। କର୍ମଶାଳାରେ ଜଙ୍ଗଲ ଜମିର ଅଧିକାର, ପ୍ରକାର ଭେଦ, ପ୍ରକୃତ ଜଙ୍ଗଲ ଜମି ଚିହ୍ନିକରଣ, ସୁରକ୍ଷା,ଅଧିକାର, ଗୋଚର, ଗୋଷ୍ଠୀ ଜଙ୍ଗଲ ଜମିର ସୁପରିଚାଳନା ନିମନ୍ତେ ଆଲୋଚନା ହୋଇଥିଲା। ଜମିରେ ଉପକାରୀ ବୃକ୍ଷରୋପଣ କରି ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବା ଲାଗି ଅବଗତ କରାଯାଇଥିଲା।

## ହନ୍ତାଳଗୁଡା ଘାଟିରେ ଅଟୋ ଓଲଟି ୮ ଗୁରୁତର



ଘାଟିରୁ ଖସି ପଡିଥିବା ଅଟୋ ।

ଚିତ୍ରକୋଣ୍ଡା,୨୪।୪(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ହନ୍ତାଳଗୁଡା ଘାଟିରେ ସୋମବାର ସକାଳୁ ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ୮ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏହିଯାତ୍ରୀଙ୍କୁ ନେଇ ଅଟୋଟି ହନ୍ତାଳଗୁଡାରୁ ଚିତ୍ରକୋଣ୍ଡା ଅଭିମୁଖେ ଯାଉଥିଲା। ଘାଟିରେ ହଠାତ୍ ବ୍ରେକ ଫେଲ ହୋଇଯିବାରୁ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା। ଗୁରୁତରଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଜଣକ ଗୋଡ଼ ଭାଙ୍ଗିଛି। ଖବରପାଇ ଜୋଡାମ୍ବ ସ୍ୱାସ୍ଥ୍ୟ କେନ୍ଦ୍ରର ଏଲଟି ଗଙ୍ଗାଧର ହନ୍ତାଳ ଗୋବିନ୍ଦ ଚନ୍ଦ୍ର ପୁନା,ଆଟେଣ୍ଡାଣ୍ଟ ମନୋଜ ଶିଶାଙ୍କ ସହ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରି ପରେ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସମସ୍ତ ଆହତ ଚିକିତ୍ସିତ ହୋଇ ଫେରିଥିବା ବେଳେ ଗୁରୁତର୨ଜଣ ଚିତ୍ରକୋଣ୍ଡାରେ ଚିକିତ୍ସା ପରେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ।

## ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନେଇ ଭୂମିପୂଜା

ମାଥିଲି , ୨୪।୦୪ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଝୁଲୁନିବାହାର ପାର୍କ ପରିସରରେ ସୋମବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଲାଗି ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି



ବିଧାୟକ ଭୂମିପୂଜା କରୁଛନ୍ତି ।

କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭୂମିପୂଜା କରିଥିଲେ। ଏହିବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ୬୦ ଫୁଟର ପ୍ରତିମୂର୍ତ୍ତି ନିର୍ମାଣ ହେବ। ବୀରପୁତ୍ର ଲକ୍ଷ୍ମଣଙ୍କ ସଂଗ୍ରାମର ମହତ୍ତ୍ୱକୁଗୁରୁତ୍ୱ ଦେଇ ତାଙ୍କ ପ୍ରତିମୂର୍ତ୍ତିଗଢିବାକୁ ବ୍ଲକ ଅଧକ୍ଷ ମହେଶ ବାକା ଯୋଜନା କରିଛନ୍ତି । ଅନ୍ୟତମ ଅତିଥି ଭାବେ ବିଡିଓ ହୃଷୀକେଶ ଗଣ୍ଡ, ବ୍ଲକ ଉପାଧକ୍ଷା ଦେବକୀ ଦଳେଇ, ସରପଞ୍ଚ କାନାମରାଜୁ ନାୟକ ସମିତିସଭ୍ୟ ବାଳରାଜୁ କପେ, ଉଦୁଲିବେଡା ସମିତିସଭ୍ୟ ରାମ ବାବୁ, କନିଷ୍ଠଯନ୍ତ୍ରୀ ନିହାର ରଞ୍ଜନ ସରକାର, ପିଇଓ ଅଶୋକ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳ, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର



ଜୟପୁର,୨୪।୪(ନି.ପ୍ର.)

୯ ଦିନ ପରେ ବି ଚୋରି ମାମଲାର ସୁରାକ ପାଇଲାନି ପୋଲିସ। ସିସି କ୍ୟାମେରାର ଫୁଟେଜ ଦିଆଯାଇଥିଲେ ମଧ ପୋଲିସ ଚୁପ ରହିଥିବା ଜୟପୁର ଗସ୍ତରେ ଆସିଥିବା କୋରାପୁଟ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର ଓ ଏସପି ଅଭିନବ ସୋନକାରଙ୍କ ନିକଟରେ ଅଭିଯୋଗ କରିଛନ୍ତି ପରିବାର। ଝିଅ ବିବାହ ଆସନ୍ତା ୫ ତାରିଖରେ ହେବାକୁ ଥିବା ବେଳେ ମା'ଙ୍କ ଚିନ୍ତା ବଢ଼ି ଦେହ ଖରାପ ହେଲାଣି । ଚୋରି ହୋଇଥିବା ସୁନା ଗହଣା ଟଙ୍କା ତୁରନ୍ତ ଖୋଜି ଆଣିବାକୁ ଦୁଇ ଭଉଣୀ ଦାବି କରଛନ୍ତି। ଏ ନେଇ ଜିଲପାଳ ଆକ୍ତର କହିଛନ୍ତି, ଏହି ମାମଲା ଏସପି, ଏସଡିପିଓ ଲିଡରସିପ ତଦନ୍ତ ଚାଲିଛି । ଖୁବ ଶୀଘ୍ର ପର୍ଦ୍ଦାଫାସ ହେବ । ସେହିପରି ଏସ୍‌ପି ସୋନକାର କହିଛନ୍ତି ଯେ, ଟିମ ଗଠନ କରାଯାଇଛି । ସିସି କ୍ୟାମେରା ଫୁଟେଜ ଆଧାରରେ ତଦନ୍ତ ଚାଲିଥିବା କହିଛନ୍ତି।

### ଗଙ୍ଗାନଗରରେ ସୁନା ଗହଣା ଚୋରି ମାମଲା

ସୂଚନାଯୋଗ୍ୟ, ଜୟପୁର ସହର ଗଙ୍ଗାନଗରରେ ଗତ ୧୬ ତାରିଖ ଭୋରରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଟଙ୍କା ଚୋରି ହୋଇଛି। ଗଙ୍ଗାନଗର ସ୍ୱର୍ଗତ ମହେନ୍ଦ୍ର କୁମାର ସିଂଙ୍କ ପରିବାର ରାତିରେ ଶୋଇଥିବା ବେଳେ ଭୋରରେ ଦୁର୍ବୃତ୍ତ କାନ୍ଥ ଡେଇ ମୁହଁରେ ମୁଖା ଲଗାଇ ଘରେ ପଶି ଚୋରି କରିଛନ୍ତି। ଝିଅ ବାହା ଘର ପାଇଁ ଥିବା ୧୦ ଭରି ସୁନା ଓ ୩ ଲକ୍ଷ ଟଙ୍କା ଆଦି ଘରେ ଥିବା ବେଳେ ଦୁର୍ବୃତ୍ତ ସବୁ ଧରି ଚମ୍ପଟ ମାରିଛି। ସବୁ ଦୃଶ୍ଯ ସିସି କ୍ୟାମେରାରେ କଏଦ ହୋଇଛି। ଏନେଇ ଗତ ୧୬ ତାରିଖରେ ଜୟପୁର ଟାଉନ ପୋଲିସ ରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହ ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନା ଅଧିକାରି ସମ୍ପିତ କୁମାର ବେହେରା ସୂଚନା ଦେଇଛନ୍ତି।

# ସାପ୍ତାହିକ ହାଟ ପାଇଁ ନାହିଁ ମାର୍କେଟ କମ୍ପ୍ଲେକ୍ସ

ବାଲିମେଲା,୨୪।୪।(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଏମଭି-୩୭ ଗ୍ରାମରେ ଦୀର୍ଘବର୍ଷ ହେଲା ପ୍ରତି ଶନିବାର ବସୁଛି ସାପ୍ତାହିକ ହାଟ। ବ୍ୟବସାୟୀଙ୍କ ପାଇଁ ହାଟରେ ମାର୍କେଟ କମ୍ପ୍ଲେକ୍ସ ନ ଥିବାରୁ ସେମାନେ ବାଲିମେଲା-ମାଲକାନଗିରି ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ପନିପରିବାଠାରୁ ଆରମ୍ଭ କରି ମାଛ ମାଂସ ଓ ବିଭିନ୍ନ ସାମଗ୍ରୀ ଧରି ବସି କାରବାର କରୁଛନ୍ତି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ହଇରାଣ ହେଉଛନ୍ତି। ଅଞ୍ଚଳବାସୀଙ୍କ କହିବାଅନୁଯାୟୀ, ଏମଭି-୩୭ ସାପ୍ତାହିକ ହାଟରେ ମାର୍କେଟ କମ୍ପ୍ଲେକ୍ସ କିମ୍ବା ଭେଣ୍ଡିଙ୍ଗ ଜୋନ ଏଯାଏ ହୋଇପାରିନାହିଁ। ଏନେଇ ପ୍ରଶାସନ ମଧ୍ୟ ଆନ୍ତରିକତା ପ୍ରକାଶ କରୁନି। ଏପର୍ଯ୍ୟନ୍ତ ପ୍ରଶାସନ ମାର୍କେଟ କମ୍ପ୍ଲେକ୍ସ

### ରାଜପଥ ପାର୍ଶ୍ୱରେ ବ୍ୟବସାୟୀ

ଲାଗି ସ୍ଥାନ ନିରୁପଣ କରିନାହିଁ। ଫଳରେ ବ୍ୟବସାୟୀ ମାନେ ବାଧହୋଇ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ପସରା ଖୋଲି ବସୁଛନ୍ତି। ଏହି ହାଟ ଉପରେ ଏମ୍‌ଭି-୧୨୨, ଚିତାପାରି-୧/୨, ଏମଭି-୧୦୯, ଏମ୍‌ଭି-୧୦୮,ଏମ୍‌ଭି-୧୦୪, ଏମ୍‌ଭି-୩୫,ଏମ୍‌ଭି-୩୮,ଏମଭି-୩୬, ସି କଲୋନୀ, ପୁସପାଲି, ରଙ୍ଗମାଟିଗୁଡା ଓ ସୋମନାଥପୁର ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ଏଠାରେ ଏକ ସ୍ଥାୟୀ ବଜାର ସହ ମାର୍କେଟ କମ୍ପ୍ଲେକ୍ସ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ଆଦୌ ଶୁଣୁନାହିଁ। ଏଥିପ୍ରତି ଜିଲା ଓ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସବୁଜ ହୀରାକୁ ଲୁଟୁଛନ୍ତି ବେସରକାରୀ ସଂସ୍ଥା

ମାଥିଲି, ୨୪।୪(ଡି.ଏନ.ଏ. )

ମାଲାକନଗିରି ଜିଲା ମାଥିଲି ଅଞ୍ଚଳରେ ସବୁଜ ହୀରା ରୂପେ ପରିଚିତ କେନ୍ଦୁପତ୍ର କ୍ରୟରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। କେନ୍ଦୁପତ୍ର ସଂଗ୍ରହ ଓ କ୍ରୟ ଦାୟିତ୍ୱ ନେଇଥିବା ବେସରକାରୀ ସଂସ୍ଥା ଏଠାରେ ଶ୍ରମିକଙ୍କୁ ଶୋଷଣ କରୁଛି। ମନଇଚ୍ଛା ପ୍ରାପ୍ୟ ଦେଇ ରାଜସ୍ୱ ଫାଙ୍କୁଛି। ସରକାରୀ ଫଡିରେ ମଧ ଠିକ ସମୟରେ ପ୍ରାପ୍ୟ ମିଳୁନି । ବିଭାଗୀୟ ଅଧିକାରୀଙ୍କୁ ହାତବାରିସି କରି ବେସରକାରୀ ସଂସ୍ଥାଗୁଡିକ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟୁଛନ୍ତି। ଫଳରେ ସରକାରଙ୍କ ରାଜକୋଷକୁ ଅର୍ଥ ଆସିବାରେ ବାଧକ ହେଉଛି। ରାଜସ୍ୱ ଫାଙ୍କି ମାଲକାନଗିରିରୁ ରାଜ୍ୟ ବାହାରକୁ କେନ୍ଦୁପତ୍ର ଚାଲାଣ ହେଉଛି। ଅନ୍ୟପକ୍ଷରେ ଠିକ୍ ସମୟରେ ଅର୍ଥ ମିଳୁ ନ ଥିବାରୁ ସରକାରୀ ଫଡିରେ କେନ୍ଦୁପତ୍ର ଦେବାକୁ ଆଦିବାସୀମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ସରକାରୀ ଫଡିରେ ୧୦୦



ସଂଗ୍ରହ ହୋଇଥିବା କେନ୍ଦୁପତ୍ର।

ବିଡା କେନ୍ଦୁପତ୍ରକୁ ବୋନସ ସହ ୪ ଶହ ଟଙ୍କା ଦେବାର ବ୍ୟବସ୍ଥା ରହିଛି। ଏଥିସହ ବିଭିନ୍ନ ବୀମାରେ ତୋଳାଳିଙ୍କୁ ଅନ୍ତର୍ଭୁକ୍ତ କରିବା ନିୟମ ରହିଛି। ଏହା ସତ୍ତ୍ୱେ ସେମାନେ ଠିକ ସମୟରେ ପ୍ରାପ୍ୟ ପାଉ ନ ଥିବାରୁ ବେସରକାରୀ ସଂସ୍ଥାରେ କେନ୍ଦୁପତ୍ର ଦେଇ ଶୋଷଣର ଶିକାର ହେଉଛନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକରେ କେନ୍ଦୁପତ୍ର କିଣିବା ଲାଗି ଚଳିତବର୍ଷ କେତେକ କେତେକ ବେସରକାରୀ ସଂସ୍ଥା ଦାୟିତ୍ୱ ନେଇଛନ୍ତି। ସଂସ୍ଥାଗୁଡିକ ୨୦ଟି ପଞ୍ଚାୟତରେ ବିନା ରସିଦରେ କେନ୍ଦୁପତ୍ର

### କେନ୍ଦୁପତ୍ର କ୍ରୟରେ ଅନିୟମିତତା ଅଭିଯୋଗ

କିଣି ରାଜସ୍ୱ ଫାଙ୍କୁଛନ୍ତି । କିଏ କେଉଁ ସଂସ୍ଥା ନାଁରେ କେନ୍ଦୁପତ୍ର କିଣୁଛି ସେନେଇ ପ୍ରଶାସନ ପାଖରେ ତଥ୍ୟ ନାହିଁ। ୧୦୦ ବିଡାକୁ କିଏ ୩ ଶହ ୫୦ ଟଙ୍କା ଦେଉଛି ତ ଆଉ କିଏ ୪ ଶହ ଟଙ୍କା ଦେଉଛି। ମାଲକାନଗିରି ଜିଲାରେ ବେସରକାରୀ ସଂସ୍ଥା ଦ୍ୱାରା କେନ୍ଦୁପତ୍ର କ୍ରୟ ଲାଗି ଅଧିକ ଅଗ୍ରାଧିକାର ଦେଉଛି ପ୍ରଶାସନ। ସେମାନେ ଆଦିବାସୀଙ୍କୁ ଲୁଟି ପ୍ରଶାସନିକ ଅଧିକାରୀଙ୍କ ସହ ସଲାସୁତରାରେ ରାଜସ୍ୱ ଫାଙ୍କି ଚାଲିଥିବା ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାଥିଲି କେନ୍ଦୁଲିଫ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ ପଣ୍ଡାଙ୍କୁ ପଚାରିବାରୁ ସେ ବେସରକାରୀ ସଂସ୍ଥା ଦ୍ୱାରା ସରକାର ରାଜସ୍ୱ ହରାଉଥିବା ସ୍ୱୀକାର କରିଥିଲେ।

**କୁକୁର କାମୁଡ଼ାରେ ମହିଳା ଗୁରୁତର**

ପାପଡାହାଣ୍ଡି,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତ ଅଧୀନ ଧନସୁଲି ଗ୍ରାମରେ ସୋମବାର କୁକୁର କାମୁଡାରେ ଡ଼ମଣୀ ମହାଳି ଗୁରୁତର ହୋଇଛନ୍ତି। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଆମ୍ବୁଲାନ୍ସ ସେବା

ନବରଙ୍ଗପୁର,୨୪।୪(ବି.ପ୍ର.)
ନବରଙ୍ଗପୁର ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଏନେଇ ସୋମବାର ପୂଜାର୍ଚ୍ଚନା କରାଯାଇଛି। ୫୦ କିଲୋ ମିଟର ମଧ୍ୟରେ ମାଗଣା ସେବା ଯୋଗାଇ ଦିଆଯିବ। ୫୦ କିଲୋମିଟରରୁ ଊର୍ଦ୍ଧ୍ୱ ଦୂରତା ବିଶିଷ୍ଟ ଯାଗାକୁ ଯିବାକୁ ହେଲେ ୧୨ କିଲୋମିଟର ହିସାବରେ ତେଲ ଖର୍ଚ୍ଚ ଦେବାକୁ ପଡିବ। ଏନେଇ ଆମ୍ବୁଲାନ୍ସ ଯୋଗାଯୋଗ ପାଇଁ ୨୪ ଘଣ୍ଟିଆ ମୋବାଇଲ ନମ୍ବର ସାର୍ବଜନୀନ କରାଯିବ ବୋଲି ସଙ୍ଘର ସଭାପତି କାହ୍ନୁ ଦାଶ କହିଛନ୍ତି।

### ତେନ୍ତୁଳିଖୁଣ୍ଟିରେ କୃଷକ ଦିବସ

ତେନ୍ତୁଳିଖୁଣ୍ଟି, ୨୪।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକସ୍ତରୀୟ କୃଷକ ଦିବସ କଂଗ୍ର ପଞ୍ଚାୟତର ଓଲମାରେ ଆୟୋଜିତ ହୋଇ ଯାଇଛି। ଏହି ଅବସରରେ ପାରମ୍ପରିକ ରୀତିନୀତି ତଥା ବୈଦିକ ମନ୍ତ୍ର ଉଚ୍ଚାରଣ ସହ ଅକ୍ଷିମୁଠି ଅନୁକୂଳ କରାଯାଇଛି। ପୁରୋହିତ ତଥା କୃଷି ଓଭରସିୟର ହରି ଶଙ୍କର ତ୍ରିପାଠୀ ବୈଦିକ ମନ୍ତ୍ର ଉଚ୍ଚାରଣ କରିଥିଲେ। ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବ୍ଲକ ଅଧକ୍ଷା ନୀଳେନ୍ଦ୍ରି ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ ଯୋଗ ଦେଇଥିଲେ। ସେ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଆଗାମୀ ଖରିଫ ଋତୁରେ କିଭଳି ପ୍ରସ୍ତୁତ ରହିବାକୁ ହେବ ସେ ନେଇ ଉପସ୍ଥିତ ଅଧିକାରୀମାନେ ବୁଝାଇ ଥିଲେ। କାର୍ଯ୍ୟକ୍ରମରେ କୃଷି ଓଭର ସିୟର ଧୀରେନ କୁମାର ବେନ୍ୟା, କୃଷି ଗ୍ରାମ ସେବକ ଜିତେନ୍ଦ୍ର ଟାକ୍ରୀ, ଏଟିଏମ୍ ବାଳ ଗୋବିନ୍ଦ ସାହୁ ଓ ଆଶିଷ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମଞ୍ଚାଗାଁରେ ଅଷ୍ଟପ୍ରହର ନାମଯଜ୍ଞ

ତେନ୍ତୁଳିଖୁଣ୍ଟି, ୨୪।୪(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଇନ୍ଦ୍ରାବତୀ ନଦୀ ଘାଟରେ ପହଞ୍ଚି ଥିଲେ। ପୂଜାର୍ଚ୍ଚନା ପରେ ନଦୀ ଘାଟରୁ ୧୦୮ କଳସୀରେ ଜଳ ଭାରନେଇ ମଣ୍ଡପ ଅଭିମୁଖେ ବାହାରିଥିଲେ। କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜେଇ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କଳସଯାତ୍ରା ପୂଜା ମଣ୍ଡପରେ ପହଞ୍ଚିବା ପରେ ୧୦୮ କଳସୀକୁ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରଦିନ ସକାଳ ୭ଟାରେ ଅଖଣ୍ଡ ନାମ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ନାମ ଯଜ୍ଞରେ ମଞ୍ଚାଗାଁ, ବଙ୍ଗଲାଗୁଡା, ଅଲଚିଆଗୁଡା, ଯାନିଗୁଡା ଏହିଭଳି ୧୧ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ହରେ କୃଷ୍ଣ ହରେ ରାମ ଧ୍ୱନିରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସୋମବାର ଦଧି ହାଣ୍ଡି ଭଙ୍ଗାଯିବା ସହିତ ସହିତ ନଗର ସଂକୀର୍ତ୍ତନ କରାଯାଇଛି। ଗ୍ରାମ କମିଟି ଅଭିମନ୍ୟୁ ଦାସ, ପ୍ରଫୁଲ୍ଲ ନାୟକ, ଲାଇବନ ଭତ୍ରା, ଦିବାକର ଗୌଡ଼, ଟଙ୍କଧର ଗୌଡ଼, ସୁନାଧର ଦାସ, ପବିତ୍ର ମୋହନ ଦାସ, ଗଙ୍ଗାଧର ଗୌଡ଼, ପଦ୍ମନ ହରିଜନ ସମେତ ଯୁବକମାନେ ଏଥିରେ ସହଯୋଗ କରିଥିଲେ।

# କ୍ଷୟକ୍ଷତି ଆକଳନ କଲା ରାଜସ୍ୱ, କୃଷି ବିଭାଗ

■ ଝଡ଼ ପବନ, କୁଆପଥର ବର୍ଷାରେ ବ୍ୟାପକ କ୍ଷୟକ୍ଷତି
■ ଭାଙ୍ଗିଛି ଘର, ଫସଲ ନଷ୍ଟ


ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି।

ନବରଙ୍ଗପୁର,୨୪।୪(ବି.ପ୍ର.)
କିଛି ଘଣ୍ଟାର କାଳ ବୈଶାଖୀ ଏବେ ଅନେକ ଲୋକଙ୍କ ପାଇଁ ଆଣି ଦେଇଛି ଦୁଃଖ। ରବିବାର କାଳ ବୈଶାଖୀ ପ୍ରଭାବରେ ହୋଇଥିବା ଘଡ଼ଘଡ଼ି ଓ କୁଆପଥର ବର୍ଷାରେ ନବରଙ୍ଗପୁର ଜିଲାରେ ବ୍ୟାକ କ୍ଷତି ଘଟିଛି। ଉଜୁଡି ଯାଇଛି ଅନେକ ଲୋକଙ୍କ ଫସଲ। ଘର ଚାଳ ଓ ଟିଣ ଛପର ଉଡି ଯାଇଥିବାରୁ ଏବେ କେଉଁଠି ରହିବେ କ'ଣ ଖାଇବେ ତାହା ଚିନ୍ତା। ଶିଳ୍ପ ବିହୀନ


ସୋମବାର ସକାଳେ ଘର ବାହାରେ ଜମି ରହିଥିବା କୁଆପଥର

ନବରଙ୍ଗପୁର ଜିଲାରେ ଗ୍ରାମବାସୀଙ୍କ ଏକ ମାତ୍ର ଭରସା ଚାଷ। କୁଆ ପଥର ବର୍ଷାରେ ସବୁ ଫସଲ ମାଟିରେ ମିଶି ଯାଇଛି। ବ୍ୟାଙ୍କ ଋଣ ସହ ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇଛନ୍ତି। ନବରଙ୍ଗପୁର ବ୍ଲକର ଅଗ୍ନିପୁର, ପୂଜାରୀଗୁଡା ଓ ପଞ୍ଚାୟତରେ ବେଶୀ କ୍ଷତି ହୋଇଛି। ତେବେ ପୂଜାରୀଗୁଡା ପଞ୍ଚାୟତର ବାଙ୍ଗାପାଲି, ପୂଜାରୀଗୁଡା, ବେହେରାଗୁଡା, ବୁଟିପଦର, ବଡ଼କୁସୁମୀ, ଦେଦେଶପାଲି ସହ ଦେଉଳା ପଞ୍ଚାୟତର ବିଭିନ୍ନ ଗ୍ରାମ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ସୋମବାର ନବରଙ୍ଗପୁର ତହସିଲଦାର ଜୟଧର୍ତ୍ତ ଆଚାର୍ଯ୍ୟ, ବିଡିଓ ଶିବ ପ୍ରସାଦ ପଟ୍ଟନାୟକ, ବ୍ଲକ କୃଷି ଅଧିକାରୀ ବରୁଣ ଧନପୁଲ, ଅତିରିକ୍ତ କୃଷି ଅଧିକାରୀ ସଂଗ୍ରାମ ଭୂମିଆ, ଭିଏଡବ୍ଲୁ ହରିପ୍ରିୟ ପାତ୍ର ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ରାଜସ୍ୱ ନିରୀକ୍ଷକ ଓ କୃଷି ବିଭାଗଙ୍କୁ ଯୁଗ୍ମ ସତ୍ୟତା ନିର୍ଣ୍ଣୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ତହସିଲଦାର କହିଛନ୍ତି। କୁସୁମୀ ଗ୍ରାମରେ ୩୦୦ରୁ ଉର୍ଦ୍ଧ୍ୱ ଏକର ର ଫସଲ ନଷ୍ଟ ହୋଇଥିବା ପ୍ରାଥମିକ ତଦନ୍ତରୁ ଆକଳନ କରାଯାଉଛି। ଅନ୍ୟ ଗ୍ରାମଗୁଡିକରେ ମଧ୍ୟ ତଦନ୍ତ କରାଯାଉଥିବା ତହସିଲଦାର କହିଛନ୍ତି। ସେହିଭଳି ସିନ୍ଧିଗାଁ ପଞ୍ଚାୟତରେ ୫ ହେକ୍ଟର ମକା ନଷ୍ଟ ହୋଇଥିବାବେଳେ, ପୂଜାରୀଗୁଡା ପଞ୍ଚାୟତରେ ମକା, ଧାନ, ଆଖୁ, ମାଣ୍ଡିଆ ଆଦି ୧୫ ଏକର ଲେଖାଏ ଫସଲ କ୍ଷତି ହୋଇଛି। ୭୦ ଏକର ମକା ଫସଲ ନଷ୍ଟ ହୋଇଛି। ନବରଙ୍ଗପୁର ବ୍ଲକର ୧୩ ପଞ୍ଚାୟତର ସମ୍ପୂର୍ଣ୍ଣ ରିପୋର୍ଟ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

### କ୍ଷତିଗ୍ରସ୍ତଙ୍କ ମୁହଁରୁ...

"ପେଟପାଟଣା ପାଇଁ ଧାରକରଜ କରି ୩ ଏକର ଜମିରେ ମକା ଓ ଆଖୁ ଚାଷ କରିଥିଲି। କିଛିଦିନ ମଧ୍ୟରେ ମକା ଅମଳ କରି ବିକ୍ରୀ କରିଥାଆନ୍ତି। କିନ୍ତୁ କୁଆପଥର ବର୍ଷା ସବୁ ଉଜାଡି ଦେଲା।
**-ପୁରସତି ମାଝି, ପୂଜାରୀଗୁଡା ପଞ୍ଚାୟତ କୁସୁମୀ ଗ୍ରାମ**

"ପ୍ରାୟ ଏକ ଲକ୍ଷ ଟଙ୍କା ଧାର କରି ୩ ଏକର ଜମିରେ ମକା, ଆଖୁ ଓ କାକୁଡି ଚାଷ କରିଥିଲି। ଅଦିନିଆ କୁଆପଥର ବର୍ଷା ଯୋଗୁ ଜମିରେ ଆଣ୍ଠୁଏ ପାଣି। ଫଳରେ ସବୁ ଫସଲ ନଷ୍ଟ ହୋଇଯାଇଛି। ଏବେ ଋଣ ପରିଶୋଧ ଚିନ୍ତା। ପ୍ରଶାସନ ହସ୍ତକ୍ଷେପ କରି ସାହାଯ୍ୟ ପ୍ରଦାନ କରନ୍ତୁ।
**-ଖଗେଶ୍ୱର ଚୌଧୁରୀ, ପୂଜାରୀଗୁଡା ପଞ୍ଚାୟତ କୁସୁମୀ ଗ୍ରାମ**

"ପରିବାର ସହ ଏକ ଚାଳଛପର ଘରେ ରହୁଥିଲୁ। ରବିବାର ହଠାତ୍ କାଳ ବୈଶାଖୀ ପବନ ଆରମ୍ଭ ହୋଇଥିଲା। କିଛି ବୁଝିବା ଆଗରୁ ଘରର ଚାଳ ଉଡାଇ ନେଇଥିଲା। କୁଆପଥର ଓ ବର୍ଷା ମାଡ଼ରେ ଆଘାତ ଲାଗିଛି। କିଛି ଉପାୟ ନପାଇ ପଡୋଶୀଙ୍କ ଘରେ ରାତି ବିତାଇଥିଲୁ। ସକାଳୁ ଘରେ ଓ ବାହାରେ ବରଫ ଭର୍ତ୍ତି ହୋଇ ରହିଛି। ଚୁଲିରେ ପାଣି ପଶିଥିବାରୁ ରୋଷେଇ କରି ନ ପାରି ଭୋକ ଉପାସରେ ରହିଛୁ।
**-ରଦମା ଭତରା, ପୂଜାରୀଗୁଡା ପଞ୍ଚାୟତ ଦେଦେଶପାଲି ଗ୍ରାମ**

"ବର୍ଷା ଯୋଗୁଁ ଘର ଛପର ଉଡିଯିବା ସହ କାନ୍ଥ ମଧ୍ୟ ଭାଙ୍ଗି ଯାଇଛି। ତୁରନ୍ତ ପ୍ରଶାସନିକ ଅଧିକାରୀ ଠିକ ତଦନ୍ତ କରି କ୍ଷତିଗ୍ରସ୍ତ ଗରିବଙ୍କୁ ଚିହ୍ନଟ କରି ଘର ଯୋଗାଇବା ସହ ଭୋକିଲା ଗ୍ରାମବାସୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରନ୍ତୁ।
**-ଗୁରୁବାରୀ, ପୂଜାରୀଗୁଡା ପଞ୍ଚାୟତ ଦେଦେଶପାଲି ଗ୍ରାମ**

## ଅଭିଯୋଗ ଶୁଣିଲେ, ସହାୟତା ଦେଲେ

ରାଇଘର/ନବରଙ୍ଗପୁର, ୨୪।୪(ଡି.ଏନ୍.ଏ./ବି.ପ୍ର.)


ଅଧିକାରୀଙ୍କ ସହ ସହାୟତା ପାଇଥିବା ହିତାଧିକାରୀମାନେ।

ରାଇଘରରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର କରାଯାଇଛି। ଜଳ ଯୋଗାଣ, ରାସ୍ତା, ଅଙ୍ଗନୱାଡି କେନ୍ଦ୍ର, ପିଏଚ୍‌ସିଓ, ପୋଷ୍ଟ ଅଫିସ, ସ୍କୁଲ ଶ୍ରେଣୀ ଗୃହ ନିର୍ମାଣ, ବିଦ୍ୟୁତ ସେବା, ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ଶୁଣି ସାମାଧାନ କରିବାକୁ ଜିଲାପାଳ ଡ. କମଳ ଲୋଚନ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ୪ଟି ଅଭିଯୋଗର ସମାଧାନ କରାଯାଇଥିଲା। ହିତାଧିକାରୀଙ୍କୁ ଦୁଇଟି ଛୋଟ ହୁଇଲ ଚେୟାର, ୫ଟି ବଡ ହୁଇଲ୍‌ଚେୟାର, ଗୋଟିଏ ଟ୍ରାଇସାଇକେଲ, ଦୁଇଟି ଆଶା ବାଡି ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଏସ୍‌ଡିପିଓ ଶୁଭେନ୍ଦୁ ଶବର, ବିଡିଓ ଦେବାଶିଷ କର, ବ୍ଲକ ଉପାଧ୍ୟକ୍ଷ ଗୁପ୍ତ ଝାଙ୍କର, ଡିଇଓ ପ୍ରଦୀପ ନାଗ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ଗୋକୁଲ ବେହେରା, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଚନ୍ଦ୍ରମୋହନ ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ମୋହନ ପାତ୍ର, ଡା ସୁକାନ୍ତ ଶତପଥୀ, ପିଏଆଇଟିଡିଏ ରାଜେଶ ସାହୁ, ଡିଆଇପିଆର୍‌ଓ ହଳଧର ନିଆଲ, ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀ ଅଭିଜିତ ପାଢି ଉପସ୍ଥିତ ଥିଲେ।

## ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ରାଇଘର, ୨୪।୪(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ରାଇଘର ବ୍ଲକ ପାରୁଆ ପଞ୍ଚାୟତ ଛତାବେଡା ଆଦିବାସୀ ଗ୍ରାମର କଲସୁ ମାଝିଙ୍କ ଝିଅ ତୁଲେଶ୍ରୀ(୧୬)ଙ୍କର ଝୁଲନ୍ତା ମୃତଦେହ ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରାଇଘର ପୋଲିସ କେସ ନମ୍ବର ୨୪/୨୩ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାନୁଯାୟୀ, ତୁଲେଶ୍ରୀ ଚଳିତ ବର୍ଷ ଦଶମ ପରୀକ୍ଷା ଦେଇଥିବଲେ। ରବିବାର ତାଙ୍କ ମା ବାପା ନ ଥିବା ବେଳେ ତୁଲେଶ୍ରୀ ଘରେ ଏକା ଥିଲେ। ସେମାନେ ଫେରିବାବେଳକୁ ଘରେ ଘରେ ତୁଲେଶ୍ରୀଙ୍କ ମୃତଦେହ ଦେଖି ପୋଲିସାର ଜଣାଇଥିଲେ।

## ନିର୍ମାଣାଧୀନ ପୋଲର ଡାଇଭର୍ଶନ ରାସ୍ତା କାଦୁଅ ପଚପଚ


ରାସ୍ତା କାଦୁଅ ହୋଇଯାଇଛି।

ତେନ୍ତୁଳିଖୁଣ୍ଟି, ୨୪।୪(ଡି.ଏନ୍.ଏ.)

**ଅସୁବିଧା ଭୋଗୁଛନ୍ତି ପଥଚାରୀ, ଗାଡ଼ିଚାଳକ**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମୂଷାମୁଣ୍ଡିଗୁଡ଼ାରୁ କଣ୍ଟାଗାଁ ଭାୟା ଅଞ୍ଚଳଗୁମ୍ମା ଦେଇ ଯାଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାରେ ଉମରି ଗ୍ରାମ ନିକଟରେ ଏକ ପୋଲ ତିଆରି କରାଯାଉଛି। ତିନି ଦୁଇ ମାସ ପୂର୍ବରୁ ଖରାପ ବ୍ରିଜ୍‌କୁ ଠିକାଦାର ଭାଙ୍ଗି ଦେଇଥିଲେ। ଯିବା ଆସିବା କରିବା ପାଇଁ ଏକ ରାସ୍ତାର ବ୍ୟବସ୍ଥା କରିବା କଥା। ଏଠାରେ କିନ୍ତୁ ବିଲ ମଧ୍ୟରେ ଥିବା ହିଡ଼ଗୁଡ଼ିକୁ ସମତୁଲ କରି ରାସ୍ତା ତିଆରି କରାଯାଇଛି। ଫଳରେ ସ୍ୱଳ୍ପ ବର୍ଷାରେ ପାଣି ଜମି କାଦୁଅ ପଚ ପଚ ହୋଇଯାଉଛି। ଫଳରେ ପଥଚାରୀ ଓ ଗାଡ଼ିଚାଳକମାନେ ବହୁତ ହଇରାଣ ହେଉଛନ୍ତି।

ନବରଙ୍ଗପୁର ଯିବାକୁ ତିନି ଚାରି ଗୋଟି ପଞ୍ଚାୟତର ଏହା ମୁଖ୍ୟ ରାସ୍ତା। ଲୋକେ ଜିଲା ମୁଖ୍ୟାଳୟରେ ଥିବା ବିଭିନ୍ନ କାର୍ଯ୍ୟାଳୟ, ବ୍ଲକ ଅଫିସ ଆଦି ସ୍ଥାନକୁ ଯିବା ପାଇଁ ମୁଖ୍ୟତଃ ଏହି ରାସ୍ତା ଉପରେ ନିର୍ଭର କରି ଥାଆନ୍ତି। ବର୍ଷା ଯୋଗୁ ପାଣି ଜମି ଉକ୍ତ ରାସ୍ତା ବିପଦପୂର୍ଣ୍ଣ ହୋଇ ରହିଛି। ମେ ୧୫ ସୁଦ୍ଧା ପୋଲର ଛାତ କାମ ସାରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଆଖି ଦୃଷ୍ଟିଆ କାର୍ଯ୍ୟ ହୋଇନାହିଁ। ଶୀଘ୍ର ନିର୍ମାଣାଧୀନ ପୋଲ ପାଖରେ ଏକ ଅସ୍ଥାୟୀ ରାସ୍ତା ତିଆରି କରିବାକୁ ଉମୁରି ବାସିନ୍ଦା ରଘୁନାଥ ମାଝି କହିଛନ୍ତି। ବ୍ରିଜ ଭାଙ୍ଗି ଏହା ମଧ୍ୟରେ ମାସ ମାସ ବିତିଲାଣି। ଏହି ରାସ୍ତା ବ୍ରିଜ କାମ କରିବାକୁ ପ୍ରଶାସନର ଆନ୍ତରିକତା ନାହିଁ ବୋଲି ସେ କହିଛନ୍ତି। ଏ ନେଇ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ରାଜେଶ ରୋଶନଙ୍କୁ ଏ ବିଷୟରେ ପଚାରିବାରୁ ପାର୍ଶ୍ୱ ରାସ୍ତାରେ ସକାଳୁ ବାଲି ପକାଇବା ବ୍ୟବସ୍ଥା କରୁଛୁ ବୋଲି ସେ କହିଛନ୍ତି। ଠିକାଦାର ଉକ୍ତ କାମପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ବିଳମ୍ବ ହେଉଛି ବୋଲି ସେ କହିଛନ୍ତି।

## ଗଣତନ୍ତ୍ରକୁ କେନ୍ଦ୍ର ସରକାର ହତ୍ୟା କରିଛନ୍ତି:ବାହିନୀପତି

ନବରଙ୍ଗପୁର,୨୪।୪(ବି.ପ୍ର.)



ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅଭିଭାଷଣ ଦେଉଛନ୍ତି।

**କଂଗ୍ରେସର ଜୟ ଭାରତ ଅଭିଯାନ**

ନବରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବରଙ୍ଗପୁର ଜିଲା କଂଗ୍ରେସର ପକ୍ଷରୁ ଜୟ ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ଏହିଅବସରରେ ଏକ ପ୍ରତିବାଦ ସଭା କରାଯାଇଛି। କଂଗ୍ରେସ ସମୟରେ ଗ୍ୟାସ ଦର ୪୩୦ ଟଙ୍କା ଥିବାବେଳେ ୧୫ ଟଙ୍କା ବଢ଼ିଲେ ଭାଜପା ପାଟିକରୁଥିଲା। ଏବେ ୮ ବର୍ଷ ମଧ୍ୟରେ ଗ୍ୟାସ ସିଲିଣ୍ଡର ୧୨ଶହ ଟଙ୍କାରେ ପହଞ୍ଚିଲାଣି। ଏହା କିପରି ଆଛା ଦିନ ବୋଲି ଜୟପୁର ବିଧାୟକ ତାର ପ୍ରସାଦ ବାହିନିପତି ପ୍ରଶ୍ନ କରିଥିଲେ। ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି ନେଇ ସେ ଗର୍ଜିଥିଲେ। କର୍ଣ୍ଣାଟକର ଭାଷଣକୁ ନେଇ ଗୁଜରାଟରେ ମାମଲା ରୁଜୁ ହେଲା। କୋର୍ଟରେ ରାୟକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। ଗଣତନ୍ତ୍ରକୁ କେନ୍ଦ୍ର ସରକାର ହତ୍ୟା କରିଛନ୍ତି ବୋଲି ସେ କହିଛନ୍ତି। ଯିଏ ପ୍ରଧରନମନ୍ତ୍ରୀଙ୍କୁ ବିରୋଧ କରିବ ତାଙ୍କ ବିରୋଧରେ ସିବିଆଇ ଓ ଇଡି ଚଢ଼ାଉ କରୁଛି ବୋଲି ସେ କହିଥିଲେ। ସେହିଭଳି ବିଜେଡିର ବହୁ ଦୁର୍ନୀତି ହୋଇଛି। ସମ୍ବିଧାନ ବଞ୍ଚାଇବା ପାଇଁ ଏହି ଆନ୍ଦୋଳନ କରାଯାଉଛି ବୋଲି ସେ କହିଛନ୍ତି। ଏଥିସହ କଂଗ୍ରେସ ସରକାର ଅମଳରେ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସେ କହିଥିଲେ। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ୍, ରଞ୍ଜିତ କୁମାର ପାତ୍ର, ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ଭୁଜବଳ ମାଝି, ସଦନ ନାୟକ, ଜିଲାପରିଷଦ ସଭ୍ୟା ଡା.ଲପିକା ମାଝି, ଏଆଇସିସି ସଭ୍ୟା ମନିଶା ତ୍ରିପାଠୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗରତ୍ନାମା, ସନରାଜ ଗଣ୍ଡ, ହାରାବତି ଗଣ୍ଡ, ଭାଗିରଥୀ ନାୟକ, ଅର୍ଜୁନ ସମରଥ, ସୁବଲମ ସାନ୍ତା, ଜି.ସାଇରାଜୁ, ବଂଶୀଧର ମାଝି, ଦିଲ୍ଲୀପ ବେହେରା, ବୃନ୍ଦା ତ୍ରିପାଠୀ, ପଦ୍ମସାଇ ମାଳି, ସଞ୍ଜୀବ ବିଷୋୟୀ, ଦିବାକର ପୂଜାରୀ, ଅବଦୁଲ ଫିରୋଜ, ପ୍ରଦୀପ ସାହୁ, ଉଶମନ ଲାଠିଆ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ନୂତନ ରୂପେ ଶିକ୍ଷା ଦେବା ନେଇ ତାଲିମ


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଧାନ ଶିକ୍ଷକମାନେ।

ଡାବୁଗାଁ, ୨୪।୪ (ଡି.ଏନ୍.ଏ.)
ଡାବୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଶିକ୍ଷା ମଣ୍ଡଳାଧୀଶ କମଳାକାନ୍ତ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବର୍ଷ ଆରମ୍ଭ ସମସ୍ତ ଶିକ୍ଷଣ ବ୍ୟବସ୍ଥାକୁ ନୂତନ ରୂପରେ ଶିକ୍ଷା ଦେବାକୁ ଏଥିରେ ତାଲିମ ଦିଆଯାଇଛି। ୯ମ ଶ୍ରେଣୀ ଏସ୍‌ଏ -୨ର ପ୍ରତ୍ୟେକ ବିଦ୍ୟାଳୟର ଫଳାଫଳକୁ ତର୍ଜମା, ଆଗାମୀ ଦିନରେ କିପରି ୧୦ମ ଶ୍ରେଣୀ ଫଳାଫଳ ଭଲହେବ ସେଥିପ୍ରତି ଗୁରୁତ୍ୱ, ଟିଏଲ୍‌ଏମ୍ ଓ ସ୍ମାର୍ଟ ଶ୍ରେଣୀ ବ୍ୟବହାରକୁ ଗୁରୁତ୍ୱ, ପ୍ରତ୍ୟେକ ବର୍ଷ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଆୟୋଜନ ସମ୍ପର୍କରେ ଆଲେଚନା କରାଯାଇଛି। ଏଥିସହ ବ୍ଲକସ୍ତରୀୟ ମଡେଲ ଟିଚିଂ ଦେବା ପାଇଁ ନିଷ୍ପତ୍ତି, ବିଦ୍ୟାଳୟସ୍ତରୀୟ ଏଜୁକେଟର ଗ୍ରୁପ୍ ମାଧ୍ୟମରେ ଶିକ୍ଷା ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ନବରଙ୍ଗପୁର ଜିଲା ଶିକ୍ଷା ନିରୀକ୍ଷକ କୈଳାସ ଚନ୍ଦ୍ର ମହାରଣା, ନାଏକଗୁଡା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାଧୁରମ ଭତ୍ରା, ଡାବୁଗାଁ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବିଷୋୟୀ, ଜଟାବାଲ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାସ, ବଡ଼ମସିଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୃଷୀକେଶ ମିଶ୍ର, ବଡଓଲମା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବେହେରାଙ୍କ ସମେତ ଜିଲାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ସମସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ହିନ୍ଦୁ ସଂଗଠନର ଦାବିପତ୍ର

ପାପଡ଼ାହାଣ୍ଡି/କୋଷାଗୁମୁଡ଼ା/ଉମରକୋଟ, ୨୪।୪ (ଡି.ଏନ୍.ଏ./ସ୍ୱ.ପ୍ର.)
ସମ୍ବଲପୁରରେ ହନୁମାନ ଜୟନ୍ତୀ ଅବସରରେ ବାହାରିଥିବା ଶୋଭାଯାତ୍ରା ବେଳେ ସେମାନଙ୍କ ଉପରେ ଆକ୍ରମଣ ଘଟଣାର ପ୍ରତିବାଦକରି ସୋମବାର ନବରଙ୍ଗପୁରର ବିଭିନ୍ନ ବ୍ଲକରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

ପାପଡ଼ାହାଣ୍ଡି ହିନ୍ଦୁ ସଂଗଠନ ସଦସ୍ୟମାନେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଏକାଠିହୋଇ ଭାରତମାତା କୀ ଜୟ, ଜୟ ଶ୍ରୀରାମ ନାରା ଦେଇ ବାଇକ୍ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ସେମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ମୁଖ୍ୟ କିରାଣି ଦାବିପତ୍ର ଗ୍ରହଣ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ତ୍ରିନାଥ ଅମନାତ୍ୟ, ବି. ଜଗନ ମୋହନ ରାଓ, ହରିମୋହନ ଶର୍ମା, ପି.ଭେଙ୍କେଟ ରାଓ, ରାଜକିଶୋର ରାଓ, ବିନୋଦ ଅଗ୍ରୱାଲ, ନୀଳକଣ୍ଠ ତ୍ରିପାଠୀ, ଶଙ୍କର ଲାଲ ଅଗ୍ରୱାଲ, ଦୀନବନ୍ଧୁ ବିଷୋୟୀଙ୍କ ସହ ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଦାବିପତ୍ର ପ୍ରଦାନବେଳେ ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ ଜେନା ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

ସେହିଭଳି କୋଷାଗୁମୁଡ଼ା ବ୍ଲକ ହିନ୍ଦୁ ସମାଜ ସଦସ୍ୟମାନେ ବ୍ଲକ କାର୍ଯ୍ୟାଳୟ ଯାଇ ଦାବିପତ୍ର ଦେଇଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଆକାଉଣ୍ଟ ଅଫିସର ଜୟପ୍ରକାଶ ଦିଶାରି ଦାବିପତ୍ର ଗ୍ରହଣ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଂଯୋଜକ ଚୈତନ୍ୟ ବିଷୋୟୀ, ତ୍ରିପତି ପଟ୍ଟନାୟକ, ସଞ୍ଜୟ ପଟ୍ଟନାୟକ, ରାମଧର ଭତରା, ହରେକୃଷ୍ଣ ଭତରା, ପରଶୁ ଗୌଡ଼, ଦୁର୍ଗାପ୍ରସାଦ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉମରକୋଟ ସହରର ହିନ୍ଦୁ ସମାଜ ପକ୍ଷରୁ ବିଡିଓ ଡ.ହିମାଞ୍ଚଳ ମାଝିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଗୁପ୍ତେଶ୍ୱର ସାହୁ, କୃପାରାମ ସାହୁ ,ଅଶୋକ ପ୍ରଧାନ, ଅଶୋକ ପାତ୍ର, ସନ୍ତୋଷ ଜେନା, ମିଲୁ ପଣ୍ଡା, ପ୍ରଫୁଲ୍ଲ ପାତ୍ର, ଅଜିତ ରାଏ, ଦୀପକ ପ୍ରଧାନ, ମଙ୍ଗତ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।



କୋଷାଗୁମୁଡ଼ା ଆକାଉଣ୍ଟ ଅଫିସର ଓ ଉମରକୋଟ ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

